ଭଗବାନ ଶଙ୍କରାଚାର୍ଯ୍ୟ

ପ୍ରଣୀତ

ମୋହ—ମୁଦ୍ଗର ।

ମାନନୀୟ

ବୃହତ୍‌ଖେମଣ୍ଡି ଅଧୀଶ୍ୱର

ଶ୍ରୀ କୃପାମୟଦେବ

ଛତ୍ରପତି ମହାରାଜା ମହୋଦୟଙ୍କ ଦ୍ୱାରା

ପଦ୍ୟାନୁବାଦିତ ।

ଶ୍ରୀ ନୀଳମଣି ବିଦ୍ୟାରତ୍ନଙ୍କ ଦ୍ୱାରା

ଗଜପତି ଭୀମଦେବ ପ୍ରେସରେ

ମୁଦ୍ରିତ ଓ ପ୍ରକାଶିତ ।

ବଡଖେମଣ୍ଡି—ଗଞ୍ଜାମ ।

୧୯୧୫

ମୂଲ୍ୟ ଦୁଇପଇସା ମା୧

Digitized by PPRACHIN, SOA

ମୋହ-ମୁଦ୍ଗର ।

ମୂଢ଼ ଜହୀହି ଧନାଗମ-ତୃଷ୍ଣାଂ,
କୁରୁ ତନୁବୁଦ୍ଧେ ମନସି ବିତୃଷ୍ଣାଂ ।
ଯଲ୍ଲଭସେ ନିଜ-କର୍ମ୍ମୋପାତ୍ତଂ,
ବିତ୍ତଂ ତେନ ବିନୋଦୟ ଚିତ୍ତଂ । ୧ ।

ତ୍ୟଜ ମୂଢ଼ ! ଧନାର୍ଜ୍ଜନେ ତବ ଅଭିଳାଷ,
ମନମତ ! କରନନ୍ତୁ ବାସନା ବିନାଶ !
ନିଜକର୍ମ୍ମେ ଲଭହୁଏ ଯେଉଁ ବିତ୍ତଧନ,
କର ତାହାଦ୍ୱାରା ତୁମ୍ଭ ଚିତ୍ତବିନୋଦନ । ୧ ।

କା ତବ କାନ୍ତା କସ୍ତେ ପୁତ୍ରଃ,
ସଂସାରୋଽୟ-ମତୀବ ବିଚିତ୍ରଃ ।
କସ୍ୟ ତ୍ୱଂ ବା କୁତ ଆୟାତଃ,
ତତ୍ତ୍ୱଂ ଚିନ୍ତୟ ତଦିଦଂ ଭ୍ରାତଃ । ୨ ।

Digitized by PPRACHIN, SOA

କିଏ ତୋର ପତ୍ନୀ, କିଏ ତୋହର ନନ୍ଦନ ,
ଅତୀବ ବିଚିତ୍ର ଏହି ସଂସାର ବନ୍ଧନ ।
ତୁ କାହାର କେଉଁଠାରୁ ହେଲୁ ସମାଗତ ,
ଏହି ତତ୍ତ୍ୱ ନିରନ୍ତର ଚିନ୍ତା କର ଭ୍ରାତ । ୨ ।

ମାକୁରୁ ଧନ-ଜନ-ଯୌବନ-ଗର୍ବ୍ବଂ ,
ହରତି ନିମେଷାତ୍ କାଲଃ ସର୍ବ୍ବଂ ।
ମାୟା ମୟ-ମିଦ- ମଖିଲଂ ହିତ୍ୱା ,
ବ୍ରହ୍ମପଦଂ ପ୍ରବିଶାଶୁ ବିଦିତ୍ୱା । ୩ ।

ଧନ ଜନ ଯୌବନର ତ୍ୟଜ ଅହଙ୍କାର ,
ନିମିଷକେ ହରେ କାଲ ସେସବୁ ଅନ୍ତର ।
ମାୟାମୟ ଏସକଳେ କର ପରିହାର ,
ତତ୍ତ୍ୱଜ୍ଞାନେ ବ୍ରହ୍ମପଦେ କର ଅଧିକାର । ୩ ।

ନଳିନୀ ଦଳଗତ-ଜଳ-ମତି ତରଳଂ ,
ତଦ୍ବଜ୍ଜୀବନ- ମତିଶୟ ଚପଳଂ ।
ବିଦ୍ଧି ବ୍ୟାଧି ବ୍ୟାଳ ଗ୍ରସ୍ତଂ ,
ଲୋକଂ ଶୋକହତଞ୍ଚ ସମସ୍ତଂ । ୪ ।

ପଦ୍ମପତ୍ରେ ଜଳ ଯଥା ହୁଏ ଟଳ ଟଳ ,
ସେହିପରି ଏ ଜୀବନ ନିତାନ୍ତ ଚଞ୍ଚଳ ।

Digitized by PPRACHIN, SOA

ବ୍ୟାଧିରୂପୀ ବନ୍ତୁ ଭୁଜଙ୍ଗମ ଆକ୍ରମଣେ ;
ଶୋକ-ବିଷାଦ-ମଗ୍ନତା, ଦେଖ, ସର୍ବଜନେ ।୪।

ତତ୍ତ୍ୱଂ ଚିନ୍ତୟ ସତତଂ ଚିତ୍ତେ ,
ପରିହର ଚିନ୍ତାଂ ନଶ୍ୱର ବିତ୍ତେ ।
କ୍ଷଣମିହ ସଜ୍ଜନ ସଙ୍ଗତି ରେକା ,
ଭବତି ଭବାର୍ଣ୍ଣବ ତରଣେ ନୌକା ।୫।

ହଜମନେ ତତ୍ତ୍ୱଚିନ୍ତା କର ଅନୁକ୍ଷଣ ,
କ୍ଷଣସ୍ଥାୟୀ ଧନ-ଚିନ୍ତା କର ବିସର୍ଜ୍ଜନ ।
କ୍ଷଣ ମାତ୍ର କାଳକାଟ ସାଧୁଙ୍କ ସଙ୍ଗରେ ,
ଚାହାନ୍ତି ପାଇବ ତରୀ ଏଭବ-ସାଗରେ ।୫।

ଯାବଜ୍ଜନନଂ ତାବନ୍ମରଣଂ ,
ତାବଜ୍ଜନନୀ- ଜଠରେ ଶୟନଂ ।
ଇତି ସଂସାରେ ସ୍ଫୁଟତର ଦୋଷଃ ,
କଥମିହ ମାନବ ତବ ସନ୍ତୋଷଃ ।୬।

ଜନମ ହୋଇଲେ ହୁଏ ନିଶ୍ଚୟ ମରଣ ,
ମୃତ୍ୟୁପରେ ମାତୃଗର୍ଭେ ପୁନଶ୍ଚ ଶୟନ ।
ସଂସାରର ଅଛି ଏହି ବହୁତର ଦୋଷ ,
ତେବେ ଏଥିଲାଗି ତବ କିପାଇଁ ସନ୍ତୋଷ ? ୬ ।

Digitized by PPRACHIN, SOA

ଦିନ- ଯାମିନ୍ୟୌ ସାୟଂ ପ୍ରାତଃ,
ଶିଶିର ବସନ୍ତୌ ପୁନରାୟାତଃ ।
କାଳଃ କ୍ରୀଡତି ଗଚ୍ଛତ୍ୟାୟୁଃ,
ତଦପି ନ ମୁଞ୍ଚତ୍ୟାଶା- ବାୟୁଃ । ୭ ।

ଦିବସ ରଜନୀ ପୁଣି ସାୟାହ୍ନ ପ୍ରଭାତ,
ଶିଶିର ବସନ୍ତ କ୍ରମେ କରେ ଯାତାୟାତ ।
କାଳର କ୍ରୀଡ଼ାରେ କ୍ଷୟ ହେଉଅଛି ଆୟୁ,
ତଥାପି ନଶ୍ୱରେ ନର ଆଶାରୂପ ବାୟୁ । ୭ ।

ଅଙ୍ଗଂ ଗଳିତଂ ପଳିତଂ ମୁଣ୍ଡଂ,
ଦନ୍ତ ବିହୀନଂ ଜାତଂ ତୁଣ୍ଡଂ ।
କରଧୃତ- କମ୍ପିତ- ଶୋଭିତ-ଦଣ୍ଡଂ,
ତଦପି ନ ମୁଞ୍ଚତ୍ୟାଶା- ଭାଣ୍ଡଂ । ୮ ।

ପାଚିଲାଣି କେଶ ଜରା-ଗ୍ରସ୍ତ କଳେବର,
ନିର୍ମୂଳ ହେଲେଣି ମୁଖଁ ଦଶନ ନିକର ।
ହସ୍ତେ ଯଷ୍ଟି ଧରି ବୃଦ୍ଧ ଚଳେ ଥରଥର,
ତଥାପି ଆଶାର ଭାଣ୍ଡ ରଖିଛି ଅବନ୍ଧ । ୮ ।

ସୁର ମନ୍ଦିର- ତରୁମୂଳ- ନିବାସଃ,
ଶଯ୍ୟା ଭୂତଳ ମଜିନଂ ବାସଃ ।

Digitized by PPRACHIN, SOA

ସର୍ବ ପରିଗ୍ରହ- ଭୋଗ ତ୍ୟାଗଃ ,
କସ୍ୟ ସୁଖଂ ନ କରୋତି ବିରାଗଃ । ୯ ।
ସୁର ମନ୍ଦିର ବାସ ଏବା ତରୁପିର ମୂଳେ
ମୃଗଚର୍ମ ପରିଚ୍ଛଦ, ଶଯ୍ୟା ଭୂମିତଳେ ;
ବିଷୟେ ବିରତି, ତ୍ୟକ୍ତେ ଭୋଗ ସମୁଦୟ ,
ଏପରି ବୈରାଗ୍ୟେ କାର ନୁହେ ସୁଖୋଦୟ? ୯
ଶତ୍ରୌ ମିତ୍ରେ ପୁତ୍ରେ ବନ୍ଧୌ ,
ମା କୁରୁ ଯତ୍ନଂ ବିଗ୍ରହ- ସନ୍ଧୌ ।
ଭବ ସମ ଚିତ୍ତଃ ସର୍ବତ୍ର ତ୍ୱଂ ,
ବାଞ୍ଛସ୍ୟଚିରାଦ୍ ଯଦି ବିଷ୍ଣୁତ୍ୱଂ । ୧୦ ।
ଶତ୍ରୁ ମିତ୍ର ପୁତ୍ରେ କିମ୍ବା ସୁହୃଦ ସ୍ୱଜନେ ,
ଅଭିଳାଷ ପରିହର ସନ୍ଧି କିମ୍ବା ରଣେ ;
ସମାନ ଦୃଷ୍ଟିରେ ସବୁ କର ଦରଶନ ,
ଶୀଘ୍ର ବିଷ୍ଣୁ ପାଦଲାଭେ ଯେବେ ଅଛି ମନ । ୧୦
ଅଷ୍ଟ କୁଲାଚଳ ସପ୍ତ ସମୁଦ୍ରାଃ ,
ବ୍ରହ୍ମ ପୁରନ୍ଦର ଦିନକର ରୁଦ୍ରାଃ ।
ନତ୍ୱଂ ନାହଂ ନାୟଂ ଲୋକଃ ,
ତଦପି କିମର୍ଥଂ କ୍ରିୟତେ ଶୋକଃ । ୧୧

Digitized by PPRACHIN, SOA

ଅଷ୍ଟକୁଳ ଶୈଳ ଅଭ ସପ୍ତ ଜଳଧି ,
ପୁରନ୍ଦର ଦିବାକର ରୁଦ୍ର ଚନ୍ଦ୍ର ଆଦି ।
ତୁମ୍ଭେ ଅମ୍ଭେ ଆଉ ଯେତେ ଦେଖୁଅଛୁ ଲୋକ,
କେହି ନ ରହିବେ; ତେବେ କିପାଁ କର ଶୋକ? ୧୧

ତ୍ୱୟି ମୟି ଚାନ୍ୟ ତ୍ରୈକୋ ବିଷ୍ଣୁ ,
ବ୍ୟର୍ଥଂ କୁପ୍ୟସି ମଯ୍ୟ ସହିଷ୍ଣୁଃ ।
ସର୍ବଂ ପଶ୍ୟାତ୍ମନ୍ୟା ତ୍ମାନଂ ,
ସର୍ବତ୍ରୋତ୍ସୃଜ ଭେଦଜ୍ଞାନଂ । ୧୨ ।

ତୁମ୍ଭେ ଅମ୍ଭେ ଆଉ ଯେତେ ଜନ୍ତୁ ଜୀବଗଣ ,
ସର୍ବଦେହେ ଅବସ୍ଥିତ ଏକ ନାରାୟଣ ।
କହ ତେବେ ମିଛେ କିପାଁ ଭାବ ଅନ୍ୟପର ,
କ୍ଷମାତେଜି ଛାଡ଼ାଉଛ କିପାଁ କ୍ରୋଧକର ?
ଜଗତାତ୍ମାରେ ସର୍ବଅତ୍ମା କର ଦରଶନ ,
ଭେଦ ବୁଦ୍ଧି ସବୁଠାରେ କର ବିସର୍ଜନ । ୧୨ ।

ବାଳ ସ୍ତାବତ୍ କ୍ରୀଡ଼ା ସକ୍ତଃ ,
ତରୁଣ ସ୍ତାବତ୍ ତରୁଣୀ ରକ୍ତଃ ।
ବୃଦ୍ଧ ସ୍ତାବଚ୍ଚିନ୍ତା ମଗ୍ନଃ ,
ପରମେ ବ୍ରହ୍ମଣି କୋଽପି ନ ଲଗ୍ନଃ । ୧୩

Digitized by PPRACHIN, SOA

ଷନ୍ତରେ ବାଳକ ମାନେ କ୍ରୀଡାରେ ନିରତ ,
ଯୁବାମାନେ ଯୁବତୀଙ୍କ ପ୍ରଣୟେ ମୋହିତ ।
ବୟସ୍କ ଚିନ୍ତାରେ ବୃଦ୍ଧ ଜନେ ନିମଗନ ,
ନକରନ୍ତି କେହି ପରବ୍ରହ୍ମଙ୍କ ଚିନ୍ତନ । ୧୩ ।

ଅର୍ଥ ମନର୍ଥଂ ଭାବୟ ନିତ୍ୟଂ ,
ନାସ୍ତି ତତଃ ସୁଖଲେଶଃ ସତ୍ୟଂ ।
ପୁତ୍ରାଦପି ଧନ ଭାଜାଂ ଭୀତିଃ ,
ସର୍ବତ୍ରୈଷା ବିହିତା ନୀତିଃ । ୧୪ ।

ଅର୍ଥହିଁ ଅନର୍ଥ ମୂଳ ଭାବ ସଦାସର୍ବ ,
ନିଶ୍ଚୟ ତହିଁରେ ନାହିଁ ସୁଖ ଲେଶମାତ୍ର ।
ଧନବାନ ନିଜପୁତ୍ର ଠାରୁ ହୁଏ ଭୀତ ,
ଏହି ନୀତି-ପ୍ରବୃତ୍ତି ଜଥା ସର୍ବତ୍ର ବିଦିତ । ୧୪ ।

ଯାବଦ୍ବିତ୍ତୋ — ପାର୍ଜ୍ଜନ ଶକ୍ତଃ ,
ତାବନ୍ନିଜ ପରିବାରୋ ରକ୍ତଃ ।
ତଦନୁ ଚ ଜରତ୍ୟା ଜର୍ଜ୍ଜର ଦେହେ ,
ବାର୍ତ୍ତାଂ କୋଽପି ନ ପୃଚ୍ଛତି ଗେହେ । ୧୫

ଅର୍ଥ ଉପାର୍ଜ୍ଜନ ଶକ୍ତି ଥାଏ ଯେତେକ୍ଷଣ ,
ଅନୁରକ୍ତ ତେତେକ୍ଷଣ ଆତ୍ମ ପରିଜନ

Digitized by PPRACHIN, SOA

ଉଦରେ ହୋଇଲେ ଯାଣ୍ଡି ତୁମର ଶରୀର ।
ନବୁଝିବେ କେହ୍ନେତେବେ ତୁମ୍ଭ ସମାଗ୍ରର । ୧୫

କାମଂ କ୍ରୋଧଂ ଲୋଭଂ ମୋହଂ,
ତ୍ୟକ୍ତ୍ୱାତ୍ମାନଂ ପଶ୍ୟତି କୋଽହଂ ।
ଆତ୍ମ ଜ୍ଞାନ- ବିହୀନା ମୂଢା
ତେ ପଚ୍ୟନ୍ତେ ନରକ ନିଗୂଢାଃ । ୧୬ ।

କାମକ୍ରୋଧ ଲୋଭମୋହ ତଜ ପରିହାର,
"କୋଽହଂ" ଚତେ ଏହା ଜନ୍ମ ଅନନ୍ତର ।
ଆତ୍ମଜ୍ଞାନ ବିରହିତ ଯେତେ ମୂଢଜନରେ,
ପଚନ୍ତି ପଡ଼ି ଦୁସ୍ତର ନରକ ମଧ୍ୟରେ । ୧୬ ।

ଷୋଡଶ- ପଞ୍ଜରିକାଭି- ରଶେଷଃ,
ଶିଷ୍ୟାଣାଂ କଥିତୋ ହ୍ୟୁପଦେଶଃ ।
ଯେଷାଂ ନୈଷ କରୋତି ବିବେକଂ,
ତେଷାଂ କଃ କୁରୁତା- ମତିରେକଂ । ୧୭ ।

ପଞ୍ଜରିକା ଛନ୍ଦେ ଗ୍ରନ୍ଥ ଏ ଷୋଡଶ ଶ୍ଳୋକେ,
ସବୁ ଉପଦେଶ ଦେଲୁଁ ସର୍ବଶିଷ୍ୟ ଲୋକେ ।
ଏଥିରେ ନୋହିବ ଯାର ଜ୍ଞାନର ସଞ୍ଚାର,
କିଏ ତାଙ୍କୁ ଶିଖାଇବ ଏଥୁ ବଳି ସାର । ୧୭

ସମାପ୍ତ ।

Digitized by PPRACHIN, SOA

ବିଜ୍ଞାପନ ।

ନିମ୍ନଲିଖିତ ପୁସ୍ତକମାନ କଟକସ୍ଥ ପ୍ରିଣ୍ଟିଂ କୋମ୍ପାନୀ ଏବଂ ଅରୁଣୋଦୟ ପ୍ରେସ୍‌ର ପୁସ୍ତକ ଦୋକାନ ମାନଙ୍କରେ ମିଳେ ।

ନାରିକେଳଗୃହ, ସଫଳଜୀବନ, କାର୍ତ୍ତିକୃତ୍ତିଅ ଓ ଯାଦୁରୋଗର ଚିକିତ୍ସା, ଉଦ୍‌ବୋଧିନୀ (ଶ୍ଳୋକ ଓ ପଦ୍ୟାର), ପଣକିଆ ଶିକ୍ଷା, ଶିରୋରୋଗ ଚିକିତ୍ସା, କର୍ଣ୍ଣଶିକ୍ଷା, ପ୍ରତି ପୁସ୍ତକର ମୂଲ୍ୟ ଦୁଇପଇସା । ଦାମ୍ପ ଚରିତ୍ର, ନଡ଼ପଗ୍ରାଗ, ପଣକିଆ ମାଳିକା, ଦ୍ରାଢ଼ିଠି ମୂର୍ଚ୍ଛଣ, ମଦିରା ମାହାତ୍ମ୍ୟ, ଗ୍ରୁ-ଧାନ, ବସନ୍ତଚିକି-ତ୍ସା, କୁଷ୍ଠ ରୋଗଚିକିତ୍ସା, ରସନାରଞ୍ଜନ, ଚାଟଣୀ ସଂଗ୍ରହ, ସର୍ପବିଷ ଚିକିତ୍ସା, ବିଷଠଦଷ୍ଟ ଚିକିତ୍ସା, ମେହ ରୋଗ ଚିକିତ୍ସା ମଦନ ବିନୋଦ ବା ଧାତୁପୁଷ୍ଟିର ଉପାୟ, ଅର୍ଥନୀତି, [illegible], ପ୍ରତି ପୁସ୍ତକର ମୂଲ୍ୟ ଏକଅଣା । ଶିଶୁ ଚିକିତ୍ସା, ଆଦ୍ୟ ନମାଳା, ପ୍ରତି ପୁସ୍ତକର ମୂଲ୍ୟ ଦୁଇଅଣା । ବାଳିକା ସଖା, [illegible] [illegible], [illegible] ଚିକିତ୍ସା ପ୍ରତି ପୁସ୍ତକର ମୂଲ୍ୟ [illegible]

Digitized by PPRACHIN, SOA